# Meeting of BRICS Ministers of Foreign Affairs /International Relations (June 01, 2021)

May 31, 2021

## ବ୍ରିକ୍ସ ବୈଦେଶିକ ବ୍ୟାପାର/ଅନ୍ତର୍ଜାତୀୟ ସମ୍ପର୍କ ମନ୍ତ୍ରୀମାନଙ୍କର ବୈଠକ (01 ଜୁନ 2021)

ମଇ 31, 2021

ବ୍ରିକ୍ସ ଅଧ୍ୟକ୍ଷ ଭାବରେ ଭାରତ 01 ଜୁନ 2021 ରେ ବ୍ରିକ୍ସ ବୈଦେଶିକ ବ୍ୟାପାର/ଅନ୍ତର୍ଜାତୀୟ ସମ୍ପର୍କ ମନ୍ତ୍ରୀମାନଙ୍କର ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରିବ। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ଭିଡିଓ କନଫରେନ୍ସିଂ ଜରିଆରେ ଏହି ବୈଠକରେ ଅଧ୍ୟକ୍ଷତା କରିବେ। ଏଥିରେ ବ୍ରାଜିଲର ବୈଦେଶିକ ବ୍ୟାପାର ମନ୍ତ୍ରୀ ତଥା ରାଷ୍ଟ୍ରଦୂତ କାର୍ଲୋସ ଆଲବର୍ଟୋ ଫ୍ରାଙ୍କୋ ଫ୍ରାଙ୍କା, ଋଷର ବୈଦେଶିକ ବ୍ୟାପାର ମନ୍ତ୍ରୀ ତଥା ରାଷ୍ଟ୍ରଦୂତ ସର୍ଗେ ଲାଭ୍ରୋଭ, ଚୀନର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀ ୱାଙ୍ଗ ୟୀ ଏବଂ ଦକ୍ଷିଣ ଆଫ୍ରିକାର ଅନ୍ତର୍ଜାତୀୟ ସମ୍ପର୍କ ଓ ସହଯୋଗ ମନ୍ତ୍ରୀ ଶ୍ରୀମତୀ ଗ୍ରେସ୍ ନାଲେଡି ମାଣ୍ଡିସା ପାଣ୍ଡୋର ଯୋଗ ଦେବେ ବୋଲି ଆଶା କରାଯାଉଛି।

କୋଭିଡ-19 ମହାମାରୀ ପରିସ୍ଥିତି, ବିଭିନ୍ନ ଆହ୍ୱାନକୁ ସଫଳତାର ସହ ମୁକାବିଲା କରିବା ତଥା ସମସାମୟିକ ବାସ୍ତବତା ସହିତ ଖାପ ଖାଇବା ପାଇଁ ବହୁପକ୍ଷୀୟ ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ଏଥିରେ ସୁଧାର ଆଣିବା ଏବଂ ଅନ୍ତର୍ଜାତୀୟ ଓ ଆଞ୍ଚଳିକ ସମସ୍ୟା, ନିରନ୍ତର ବିକାଶ, ଆତଙ୍କବାଦର ମୁକାବିଲା ତଥା ଆନ୍ତଃ-ଆଞ୍ଚଳିକ ବ୍ରିକ୍ସ ସହଯୋଗ ବିଶେଷ କରି ଲୋକମାନଙ୍କ ମଧ୍ୟରେ ସହଯୋଗକୁ ବଢାଇବାର ଉପାୟ ବିଷୟରେ ମନ୍ତ୍ରୀମାନେ ମତ ବିନିମୟ କରିବେ ବୋଲି ଆଶା କରାଯାଉଛି।

ନୂଆଦିଲ୍ଲୀ

ମଇ 31, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.